# ବ୍ରହ୍ମପୁରର ସୌନ୍ଦର୍ଯ୍ୟ ରକ୍ଷା କାର୍ଯ୍ୟ ହାତକୁ ନେଲା 'ଟିମ୍ କ୍ଲିନ୍ ସିଟି'

ବ୍ରହ୍ମପୁର,୧୭ ।୮ (ସମିସ)

ସ୍ୱେଚ୍ଛାସେବୀ ସଂଗଠନ ଟିମ୍ କ୍ଲିନ ସିଟି ବ୍ରହ୍ମପୁର ପକ୍ଷରୁ ରେଶମ ସହରର ସୌନ୍ଦର୍ଯ୍ୟ ରକ୍ଷା ଦାୟିତ୍ୱ ହାତକୁ ନିଆଯାଇଛି। ସଂଗଠନ ପକ୍ଷରୁ ଯଦିଓ ଏହି କାର୍ଯ୍ୟ ଦୀର୍ଘ ୬ବର୍ଷ ଧରି ଜାରି ରହିଛି ତେବେ ବର୍ତ୍ତମାନ ପୁଣି ଏହାକୁ ତ୍ୱରାନ୍ୱିତ କରାଯାଇଛି। ଦିନକୁ ଦିନ ହ୍ରାସ ପାଉଛି ସହରର ସୌନ୍ଦର୍ଯ୍ୟ। ମୁଖ୍ୟତଃ ରାସ୍ତାର ଉଭୟ ପାର୍ଶ୍ୱରେ ଲାଗୁଥିବା ପୋଷ୍ଟର ଓ ଫ୍ଲେକ୍ସ ଯୋଗୁ ଏପରି ହେଉଥିବା ସର୍ଭେରୁ ଜଣାପଡିଛି। ଅଧିକାଂଶ ପ୍ରଚାରପତ୍ର ବ୍ୟବସାୟୀକ ସଂସ୍ଥା ପକ୍ଷରୁ ଲାଗୁଥିବାରୁ ସହରର ସୌନ୍ଦର୍ଯ୍ୟ ରକ୍ଷା କରିବାକୁ ଯାଇ ସଂଗଠନ ପକ୍ଷରୁ ପୂର୍ବଭଳି ପୁଣି ଥରେ ରାସ୍ତାର ଉଭୟ ପାର୍ଶ୍ୱର ପ୍ରାଚୀରରେ ଲାଗିଥିବା ପୋଷ୍ଟର ଓ ଫ୍ଲେକ୍ସ ହଟାଇବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ସହରର ମୁଖ୍ୟ ରାସ୍ତା ଓ ପ୍ରମୁଖ ଛକ ଏବଂ ପରବର୍ତ୍ତି ସମୟରେ ସହରର ସମସ୍ତ ସାହି ଓ ଗଳିକନ୍ଦିରେ ଲାଗିଥିବା ଏଭଳି ପୋଷ୍ଟର ଗୁଡିକୁ ହଟାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

ଟିମ୍ କ୍ଲିନ୍ ସିଟି ପକ୍ଷରୁ ପ୍ରତ୍ୟେକ ରବିବାର ସକାଳ ସମୟରେ ସଦସ୍ୟ ଓ ସଦସ୍ୟାମାନେ ଏକାଠି ହୋଇ ସହରର ବିଭିନ୍ନ ସ୍ଥାନ ବୁଲି ଏହି କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ରବିବାର ଟିମ୍‌ର ସଦସ୍ୟମାନେ ଏମ୍‌କେସିଜି ମେଡିକାଲ ମୁଖ୍ୟ



ଫାଟକ ନିକଟରେ ଏକାଠି ହୋଇ ବାଇକ୍‌ରେ କମାପଲ୍ଲୀ, ଟାଟାବେଞ୍ଜ ଛକ, ସୁବାରାଓ ଛକ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ, କଂଗ୍ରେସ କାର୍ଯ୍ୟାଳୟ ଛକ ଓ ଗାନ୍ଧିନଗର ଛକ ପର୍ଯ୍ୟନ୍ତ ଯାଇ ଲାଗିଥିବା ପୋଷ୍ଟର ଓ ଫ୍ଲେକ୍ସ ଗୁଡିକୁ ହଟାଇଥିଲେ। ଏଭଳି ପଦକ୍ଷେପକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଲେଇ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସମେତ ବିଏମସିର ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସମେତ ସମସ୍ତେ ପ୍ରସଂଶା କରିଛନ୍ତି। ଏପରିକି ନିଜକୁ ଏହି କାର୍ଯ୍ୟରେ ସାମିଲ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏଦିଗରେ ବିଏମ୍‌ସି ପକ୍ଷରୁ ମଧ୍ୟ ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ ଅଭିଯାନ ତ୍ୱରାନ୍ୱିତ କରାଯାଇଛି। ସେହିଭଳି ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ସରକାରୀ ଓ ବେସରକାରୀ ପ୍ରାଚୀରରେ ଚିତ୍ରାଙ୍କନ ଜରିଆରେ ସମାଜକୁ ବାର୍ତ୍ତା ଦେବାଭଳି ଚିତ୍ର, ସରକାରଙ୍କ ବିଭିନ୍ନ ଯୋଜନା, ଓଡିଆ ପରମ୍ପରା, କ୍ରୀଡା ସମେତ ମହାପୁରୁଷ ମାନଙ୍କ ଚିତ୍ର ଆଙ୍କିବାକୁ ନିଷ୍ପତ୍ତି ନିଆଯାଇଛି। ବିଏମସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସୁବାସ ବୋଷ ଛକ ନିକଟରୁ ଆରମ୍ଭ କରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ, ପାଣିଟାଙ୍କି ଛକ ଓ ଗିରିରୋଡ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ର ପ୍ରାଚୀରକୁ ଟାର୍ଗେଟ କରାଯାଇଛି। ଏଥିପାଇଁ ଖଲ୍ଲିକୋଟ ସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ବି.କେ. ଆର୍ଟ କଲେଜ ଚିତ୍ରଶିଳ୍ପୀଙ୍କୁ ଦାୟିତ୍ୱ ଦିଆଯାଇଛି।

- ରାସ୍ତା ପାର୍ଶ୍ୱ ପ୍ରାଚୀରରେ ପ୍ରଦର୍ଶିତ ହେବ ସାମାଜିକ ବାର୍ତ୍ତା ଓ ପରମ୍ପରା
- ପୋଷ୍ଟର ଲଗାଇ ସହରର ସୌନ୍ଦର୍ଯ୍ୟ ନଷ୍ଟ କଲେ ହେବ କାର୍ଯ୍ୟାନୁଷ୍ଠାନ: କମିଶନର

ଏହି ଅଭିଯାନରେ ସମସ୍ତଙ୍କର ସହଯୋଗ ବିଏମସି ଓ ଟିମ କ୍ଲିନ ସିଟି ସଙ୍ଗଠନ ପକ୍ଷରୁ ଲୋଡାଯାଇଛି। ଏହା ବ୍ୟତିତ ଚିତ୍ରିତ ପ୍ରାଚୀରରେ ଆଗାମୀ ଦିନରେ ପୋଷ୍ଟର ଲାଗିଲେ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧରେ ଆର୍ଥିକ ଜରିମାନା ସହିତ ଅନ୍ୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ। ଟିମ୍ କ୍ଲିନ ସିଟି ପକ୍ଷରୁ ହାତକୁ ନିଆଯାଇଥିବା ଏହି ଅଭିଯାନରେ ଟିମ୍‌ର ଉଭୟ ପୁରୁଷ ଓ ମହିଳା ବର୍ଗର ବହୁ ସଦସ୍ୟଙ୍କ ସହିତ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି, ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ, ଗଞ୍ଜାମ ଓକିଲ ସଂଘ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ, ଅଭୟ କୁମାର ରଥ, କବୟିତ୍ରୀ ପଦ୍ମିନୀ ମିଶ୍ର, ବରିଷ୍ଠ ସାମ୍ବାଦିକ ନାଗେଶ୍ୱର ପୃଷ୍ଟି, କ୍ରୀଡ଼ା ପ୍ରଶିକ୍ଷକ ସୁରେଶ ପାଢ଼ୀ, ଏନ୍‌ଆଇଏସ କୋଚ ପ୍ରଶାନ୍ତ କୁମାର ରଥ, ରାଜେଶ କୁମାର ସାହୁ, ମନୋଜ ଖିମାନି, ସରିତା ଖିମାନୀ, ସସ୍ମିତା ପ୍ରଧାନ, ସନ୍ତୋଷ ବେହେରା, ଆଇନଜୀବୀ ମନୋଜ ପାଣିଗ୍ରାହୀ, ସୀମାଞ୍ଚଳ ଶତପଥୀ ଓ ମାନସ ସେଠୀ ପ୍ରମୁଖ ସକ୍ରିୟ ସାମିଲ ହୋଇଥିଲେ।

## ଦମ୍ପତିଙ୍କୁ ଆକ୍ରମଣ କରି ଦୁଇ ଭାଇ ଗିରଫ

ବ୍ରହ୍ମପୁର,୧୭ ।୮ (ସମିସ): ଜନୈକ ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଅଭିଯୁକ୍ତ ଦୁଇଭାଇକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଉଞ୍ଜୁ ଗ୍ରାମର ମିଟୁ ଦାସ (୩୮) ଓ ତାଙ୍କ ସାନ ଭାଇ ପିଣ୍ଟୁ ଦାସ (୨୬)। ଗଉଞ୍ଜୁ ଗ୍ରାମର ସାହେବ ଦାସ(୭୦) ଓ ତାଙ୍କ ପରିବାର ରୁହନ୍ତି। ଗତ ୧୪ତାରିଖ ପୂର୍ବାହ୍ନରେ ଅଭିଯୁକ୍ତ ମିଟୁ ଓ ପିଣ୍ଟୁ ସାହେବଙ୍କୁ ଘର ସମ୍ପତ୍ତି ମାଗିଥିଲେ। ସାହେବ ସେମାନଙ୍କୁ କେଉଁ ସମ୍ପତ୍ତି ବୋଲି ପଚାରିବା ପରେ ମିଟୁ ଓ ପିଣ୍ଟୁ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ସାହେବଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଉଭୟେ। ଘଟଣାକୁ ନେଇ ସାହେବ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ନାବାଳିକା ଅସଦାଚରଣ ମାମଲା; ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୧୭ ।୮ (ସମିସ): ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣା କରି ଉପଯୁକ୍ତ ପ୍ରମାଣ ଅଭାବରୁ ପୋକ୍‌ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ଶନିବାର ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ବଡ଼ ବଜାର ଥାନା ଅଞ୍ଚଳର କିରଣ ପାଢ଼ୀ(୨୫)। ସୂଚନାଯୋଗ୍ୟ ଯେ, ୨୦୨୧ ଫେବୃୟାରୀରେ ବଡ଼ ବଜାର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ପିଛା କରି ପ୍ରେମ ନିବେଦନ କରିବା ସହ ଟଣାଓଟରା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କିରଣକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ପୋକ୍‌ସୋ ଜଜ୍ ପ୍ରଣତୀ ପଟ୍ଟନାୟକଙ୍କ କୋର୍ଟରେ ବିଚାରଣା ଚାଲିଥିଲା। ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲେ ମଧ୍ୟ ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଅଭିଯୁକ୍ତ କିରଣକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ଉକ୍ତ ମାମଲା ପରିଚାଳନା କରୁଥିଲେ।

## ମନ୍ଦିରରୁ ଘଣ୍ଟି ଚୋରି; ଜଣେ ଗିରଫ

ବ୍ରହ୍ମପୁର,୧୭ ।୮ (ସମିସ): ସ୍ଥାନୀୟ ନାରାୟଣପୁରଠାରେ ଥିବା ବିଶ୍ୱନାଥ ମନ୍ଦିର ପରିସରର ପ୍ରଭାତୀ ମନ୍ଦିରରୁ ଘଣ୍ଟି ଓ ସାମଗ୍ରୀ ଚୋରି କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପ୍ରତାପ କୃଷ୍ଣଚନ୍ଦ୍ରପୁରର ଟୁନା ଡାକୁଆ(୪୫)। ସୂଚନାପ୍ରକାରେ, ଅଭିଯୁକ୍ତ ଟୁନା ଗତ ୧୫ ତାରିଖ ରାତି ୧୧ଟା ବେଳେ ପ୍ରଭାତୀ ମନ୍ଦିରରେ ପଶି ୩ଟି ବଡ ଘଣ୍ଟି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା କିଛି ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ଅଞ୍ଚଳବାସୀ ମନ୍ଦିରରେ ପହଞ୍ଚି ଟୁନାଙ୍କୁ କାବୁ କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅଭିଯୁକ୍ତ ଟୁନା ନିକଟରୁ ୩ଟି ଘଣ୍ଟି ଜବତ କରିବା ସହ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଆଜି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ବ୍ରହ୍ମପୁର,୧୭ ।୮ (ସମିସ): ଏକ ଅଜଣା ଗାଡ଼ି ଧକ୍କାରେ ଗୋପାଳପୁର ଥାନା ଅନ୍ତର୍ଗତ ଭେଙ୍କଟରାୟପୁର ଗ୍ରାମର ଜାମି ନାରସେୟାଙ୍କ ମୃତ୍ୟୁ ଘଟିଛି। ନାରସେୟା ଶନିବାର ରାତି ପ୍ରାୟ ୯ଟାରେ ନିଜ ଗ୍ରାମ ଭେଙ୍କଟରାୟପୁର ଯାଉଥିବା ବେଳେ ଗୋପାଳପୁର ସ୍ଥିତ ଷ୍ଟେଟ ବ୍ୟାଙ୍କ ଟ୍ରେନିଂ ସେଣ୍ଟର ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଖବର ପାଇ ପରିବାର ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ନେବାବେଳେ ଇଚ୍ଛାପୁର ନିକଟରେ ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବାରୁ ପୁଣି ବ୍ରହ୍ମପୁର ଫେରାଇ ଆଣିଥିଲେ। ଆଜି ଭୋର ସକାଳୁ ଡାକ୍ତର ମୃତ ଘୋଷଣା କରିଥିବା ନେଇ ସମ୍ପର୍କୀୟ ଭାଇ ଏଲ. ଜେମସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ବ୍ରହ୍ମପୁର,୧୭ ।୮ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ନୀଳକଣ୍ଠନଗରର ପରିସର ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏହି ଅବସରରେ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ୧ହଜାରରୁ ଊର୍ଦ୍ଧ୍ୱ ମା' ଯୋଗ ଦେଇଥିଲେ। ପୂର୍ବାହ୍ନରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପ୍ରାୟ ଛାତ୍ରଛାତ୍ରୀଙ୍କୁ ନେଇ ଚାରୋଟି ପର୍ଯ୍ୟାୟରେ ପାଳନ କରାଯାଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଆଧ୍ୟାତ୍ମିକ ଗୁରୁ ଓ ପ୍ରବଚକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବଂଶୀଧର ସେଠୀ, ଇସ୍‌କନ୍‌ର ଶ୍ରୀ ହରିପ୍ରସାଦ ଦାସ, ମମତା ପଟ୍ଟନାୟକ, ପୁଷ୍ପିତା ପଟ୍ଟନାୟକ ଏବଂ ଇସ୍‌କନ୍ ପ୍ରବଚକ ସୁଦର୍ଶନ ପ୍ରଭୁଜୀ ଯୋଗ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ,




ସୁଦର୍ଶନ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରେକୃଷ୍ଣ ପାଢ଼ୀ, ଡାକ୍ତର ପ୍ରସନ୍ନ କର, ସଦସ୍ୟା ଇଂ. ମମତା ପାଣିଗ୍ରାହୀ, ପ୍ରଣତି ସାମଲ, ଡ଼ିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ ପାଣିଗ୍ରାହୀ, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଡିଗ୍ରୀ ବିଦ୍ୟାମନ୍ଦିରର ଡିନ୍ ଡ. ବିବେକାନନ୍ଦ ପଣ୍ଡା, +୨ ବିଭାଗର ପର୍ଯ୍ୟାୟ ପ୍ରମୁଖ ସ୍ୱରାଜ୍ୟ କୁମାର ମାଝି, ବିଦ୍ୟାମନ୍ଦିର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ଆଚାର୍ଯ୍ୟା ପ୍ରିୟଦର୍ଶିନୀ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତୃତୀୟ ଶ୍ରେଣୀର ଛାତ୍ର ଆଶୁତୋଷ ମିଶ୍ର ଭଗବାନ ଶ୍ରୀକୃଷ୍ଣଙ୍କ ଗୁଣଗାନ କରିବା ସହ ମାତୃତ୍ୱର ଯଶଗାନ କରିଥିଲେ। ସଂଗୀତ ପରିବେଷଣ କରିଥିଲେ ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଅମ୍ରିତା ପଟ୍ଟନାୟକ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଶ୍ରୀରାମଚରିତ ମାନସ ପ୍ରବଚିକା ମାନସ ମୈଥିଳୀ ପ୍ରଭାତି ଦେବୀ ସାରଗର୍ଭକ ଅଭିଭାଷଣ ଦ୍ୱାରା ଉପସ୍ଥିତ ସମସ୍ତ ସଜ୍ଜନମଣ୍ଡଳୀ ତଥା ମା' ମାନଙ୍କୁ ପରିବାର ଗୁରୁ ଦାୟିତ୍ୱ ଓ ଶିଶୁଙ୍କ ଚରିତ୍ର ନିର୍ମାଣ ନିମିତ୍ତ ଉତ୍ତମ ମାଗଦର୍ଶନ ଦେଇଥିଲେ। ଶେଷରେ ଶିଶୁ ମନ୍ଦିର ଆଚାର୍ଯ୍ୟା ସୁଦେଷ୍ଣା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀମା ନଗରରେ ମହିଳାଙ୍କୁ ଛୁରୀ ଭୂଷି ହତ୍ୟା ଘଟଣା

## ଅଭିଯୁକ୍ତକୁ ଧରିବା ପାଇଁ ମୁମ୍ବାଇରେ ପୁଲିସ ଟିମ୍

ବ୍ରହ୍ମପୁର,୧୭ ।୮ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ୨ୟ ଲାଇନ୍‌ରେ ଭଡ଼ା ଘରେ ରହୁଥିବା ଗାୟତ୍ରୀ ସ୍ୱାଇଁଙ୍କୁ ଛୁରୀ ଭୂଷି ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାର ଅଭିଯୁକ୍ତ ସୁନୀଲକୁ ଧରିବାକୁ ବ୍ରହ୍ମପୁର ପୁଲିସ୍ ଟିମ ମୁମ୍ବାଇରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଭିଯୁକ୍ତର ଛୁରା ମାଡ଼ରେ ଗୁରୁତର ହୋଇ ପଡିଥିବା ମୃତ ଗାୟତ୍ରୀଙ୍କ ଝିଅ ବର୍ଷାଙ୍କ ଚିକିତ୍ସା ଏକ ଘରୋଇ ହସ୍ପିଟାଲରେ ଜାରି ରହିଛି। ସୂଚନାଯୋଗ୍ୟ ଯେ, ଶ୍ରୀମାନଗରରେ ଭଡ଼ାରେ ରହୁଥିବା ସ୍ୱାମୀ ସାଧୁଚରଣ ସ୍ୱାଇଁ କିଛି ମାସ ହେଲା ଭୁବନେଶ୍ୱରରେ ରହି କାମ କରୁଥିବା ବେଳେ ଗାୟତ୍ରୀ ସ୍ୱାଇଁ ଓ ୧୦ବର୍ଷର ଝିଅ ବର୍ଷା ଏଠାରେ ଭଡ଼ାରେ ରହୁଥିଲେ। ସପ୍ତାହ ପୂର୍ବେ ଗାୟତ୍ରୀ ଓ ତାଙ୍କ ଝିଅ



ଘରେ ଥିବା ବେଳେ ଜଣେ ଦୁର୍ବୃତ୍ତ ରାତିରେ ତାଙ୍କ ଘରେ ପଶି ଗାୟତ୍ରୀଙ୍କୁ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ତଦନ୍ତ ବେଳେ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଛି। ଏପଟେ ପୁଲିସ ଗାୟତ୍ରୀଙ୍କ ମୋବାଇଲ କଲ ରେକର୍ଡରୁ ମଧ୍ୟ କିଛି ତଥ୍ୟ ହାସଲ କରିଥିଲା। ଏହାପରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଏକ ଟିମ୍ ମୁମ୍ବାଇ ଯାଇ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ସୁନୀଲ ନାୟକ ଓରଫ ସୁନୀଲ ସ୍ୱାଇଁ ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି।

## ସିଟି ହସ୍ପିଟାଲ କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର,୧୭ ।୮ (ସମିସ): ସିଟି ହସ୍ପିଟାଲ କାର୍ଯ୍ୟରତ ବିଭିନ୍ନ କର୍ମଚାରୀଙ୍କୁ କାର୍ଯ୍ୟସ୍ଥଳରେ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ ହେବ। ଉକ୍ତ କମିଟି ଘଟଣାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସିଟି ହସ୍ପିଟାଲରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ବିଭିନ୍ନ ସମୟରେ ସିଟି ହସ୍ପିଟାଲ ଅଧୀକ୍ଷକ, ହସ୍ପିଟାଲ ମ୍ୟାନେଜର ଓ ଆକାଉଣ୍ଟେଣ୍ଟ କମ ଡ଼ାଟାଏଣ୍ଟ୍ରି ଅଫିସର ମାନସିକ ନିର୍ଯାତନା ଦେବା ସହ କାର୍ଯ୍ୟ ସମୟରେ କର୍ମଚାରୀମାନଙ୍କୁ ଉପରକ୍ତ ଅଧିକାରୀ ଓ କର୍ମଚାରୀମାନେ ଜାଣିଶୁଣି ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏନେଇ କର୍ମଚାରୀମାନେ ସ୍ୱାସ୍ଥ୍ୟ ବିଭାଗର ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ନେଇ ତଦନ୍ତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ନିର୍ଦ୍ଦେଶ ରହିଛି।

## ଛାତ୍ରୀ ନିର୍ଯାତନା ନେଇ ଏଆଇଡିଏସ୍‌ଓର ସମ୍ମିଳନୀ

ବ୍ରହ୍ମପୁର,୧୭ ।୮ (ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଛାତ୍ରୀ, ମହିଳାମାନଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧିଷ୍ଣୁ ନିର୍ଯାତନା, ଦୁଷ୍କର୍ମ ଓ ଅସଦାଚରଣ ବିରୁଦ୍ଧରେ ସଚେତନ, ସଂଗଠିତ, ଶୃଙ୍ଖଳିତ, ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବାହାରେ ଛାତ୍ରୀମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ଦୁଷ୍କର୍ମ ଓ ଅସଦାଚରଣ ବିରୁଦ୍ଧରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ନିକଟରେ ଘଟିଥିବା ଅମାନବୀୟ ଘଟଣାରେ ସରକାର ଦୋଷୀକୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପରିବର୍ତ୍ତେ ଚଞ୍ଚକତା କରି ତଦନ୍ତର ପ୍ରକ୍ରିୟାକୁ ଦୀର୍ଘାୟିତ କରିଥିବା ଏଠାରେ ଅଭିଯୋଗ ହୋଇଥିଲା। ସମ୍ମିଳନୀରେ ନୂତନ ଶିକ୍ଷାନୀତି ବାତିଲ କରିବା ଓ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ କିସାନ କୁମାର ସାହୁ, ଉପସଭାପତି ପପୁନ ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




### ■ କଲେଜରେ ସିଟ୍ କରାଇଦେବି କହି ଠକେଇ

## ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୭ ।୮ (ସମିସ): ଯୁବାବର୍ଗଙ୍କଠାରୁ ବିଏସ୍‌ଇଟି କଲେଜରେ ଡ଼ିପ୍ଲୋମାରେ ନାମଲେଖାଇବାକୁ କହି ପ୍ରାୟ ୮୪ହଜାର ଟଙ୍କା ଠକେଇ କରିବା ଅଭିଯୋଗରେ ଦୀର୍ଘମାସ ଧରି ଫେରାର ଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡୁରା ଗ୍ରାମର ସୀମାଞ୍ଚଳ ସେଠୀ ଅଫର ଟିଲୁ (୩୪)।

ସୂଚନାଯୋଗ୍ୟ ଯେ, ୨୦୨୩ ମସିହା ମେ ୧୭ରେ ଲାଠି ଗ୍ରାମର ତାନିଷା ଗୌଡ଼, କତଲରାଣୀ ଗୌଡ଼, ବିରେନ୍ଦ୍ର କୁମାର ଗୌଡ଼ଙ୍କୁ ଉକ୍ତ କଲେଜରେ ସିଟ୍ କରାଇଦେବା ଆଳରେ ପ୍ରାୟ ୮୪ହଜାର ଟଙ୍କା ସୀମାଞ୍ଚଳ ନେଇଥିଲେ। ପରବର୍ତ୍ତୀ ସମୟରେ ନକଲି ରସିଦ ଦେଇଥିଲେ। ସେହି ରସିଦ ନେଇ କଲେଜରେ ପହଞ୍ଚିବା ବେଳେ ତାହା ନକଲି ବୋଲି କଲେଜ ପକ୍ଷରୁ କୁହାଯାଇଥିଲା। ସେ ମିଥ୍ୟା ପ୍ରତିଶ୍ରୁତି ଦେଇ ଉପରୋକ୍ତ ଟଙ୍କା ଠକି ନେଇଥିବା ଜଣାପଡ଼ିବା ପରେ ଘଟଣାକୁ ନେଇ ତାଙ୍କୁ ପଚାରିବାରେ ସେ ଟଙ୍କା ଫେରସ୍ତ କରିଦେବି ବୋଲି କହିଥିଲେ। ଦୀର୍ଘ ଦୁଇବର୍ଷ ପରେ ମଧ୍ୟ ଟଙ୍କା ଫେରସ୍ତ କରିନଥିଲେ। ଫଳରେ ୨୦୨୪ ମସିହା ନଭେମ୍ବର ୨୭ତାରିଖ ଦିନ ଗୋପାଳପୁର ଥାନାରେ ତାନିଷା ଗୌଡ଼ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ପୁଲିସ ଶନିବାର କାବୁ କରିଛି। ଅଭିଯୁକ୍ତକୁ ପୁଲିସ ୩୨୮/୨୪କେସ୍ ନଂରେ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉ କି,ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ଠକେଇ ମାମଲା ରହିଛି।

### ପ୍ରଥମ ସର୍ବଭାରତୀୟ ଇଣ୍ଡିପେଣ୍ଡେନ୍ସ ଡେ' କପ୍ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ପୁରୁଷରେ ଆଇଓବି ଚେନ୍ନାଇ ଓ ମହିଳାରେ ବିଳାସପୁର ଚାମ୍ପିଅନ୍







ବ୍ରହ୍ମପୁର,୧୭ ।୮ (ସମିସ): ଓଡିଶା ବାସ୍କେଟବଲ ଆସୋସିଏସନର ସହଯୋଗରେ ତଥା ମଡର୍ଣ୍ଣ ୟୁଥ୍ କ୍ଲବ ଓ ଆଲ୍‌ଫା ସ୍ପୋର୍ଟିଂ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଇଣ୍ଡିପେଣ୍ଡେନ୍ସ ଡେ କପ୍ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ୱାଧିନତା ଦିବସ ଅବସରରେ ତିନିଦିନ ଧରି ଆୟୋଜିତ ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟର ମହିଳା ବିଭାଗ ଫାଇନାଲରେ ଓଡ଼ିଶାକୁ ପରାସ୍ତ କରି ବିଳାସପୁର ଦଳ ଚାମ୍ପିଅନ ହୋଇଛି। ସେହିଭଳି ପୁରୁଷ ବିଭାଗରେ କୋଲକାତା ରେଳବାଇକୁ (୭୩-୬୫) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଆଇଓବି ଚେନ୍ନାଇ ଚାମ୍ପିଅନ୍ ହୋଇଛି।

ଲଗାଣ ବର୍ଷା ଯୋଗୁ ଉଭୟ ବିଭାଗର ଫାଇନାଲ ମ୍ୟାଚ ପ୍ରଭାବିତ ହୋଇଥଲା। ଫଳରେ ଆୟୋଜକଙ୍କ ପକ୍ଷରୁ ଉଭୟ ଫାଇନାଲ ମ୍ୟାଚକୁ ନିଷ୍ଟ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଖେଳା ଯାଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଭାରତୀୟ ବାସ୍କେଟବଲ୍ ଦଳର ଅଧିନାୟକ ରିୟାଜ ଉଦ୍ଦିନ ଓ ଦୈନିକ ଓଡିଆ ଖବରକାଗଜ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଏବଂ ଓଡିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ ସାହୁ ଯୋଗ ଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ ଦଳକୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ କୋଚ ଶରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାର ବିଜେତା ଦଳକୁ ନଗଦ ୫୦ହଜାର ଓ ଉପବିଜେତା ଦଳକୁ ନଗଦ ୩୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

